# NATIONAL NEWS BULLETIN (ODIA)

## 05th October - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ୭ରୁ ୧୫ ବର୍ଷ ବୟସ୍କ ପିଲାଙ୍କ ନିମନ୍ତେ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍‌କୁ ଦେୟମୁକ୍ତ ଘୋଷଣା କଲା ୟୁ.ଆଇ.ଡି.ଏ.ଆଇ. ।

- ବ୍ୟାପକ ରଣନୈତିକ ସହଭାଗିତା ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତା ୮ ତାରିଖରେ ଭାରତ ଗସ୍ତରେ ଆସିବେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ।

- ବିହାର ଗସ୍ତରେ ଥିବା ନିର୍ବାଚନ ଆୟୋଗଙ୍କ ଦଳ ଆଜି ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ କରିବେ ଆଲୋଚନା ।

- ଆମେରିକାର ଟେକ୍ସାସ୍‌ରେ ଭାରତୀୟ ଛାତ୍ରଙ୍କ ଗୁଳିକାଣ୍ଡରେ ମୃତ୍ୟୁ ଘଟଣାର ତଦନ୍ତ ନେଇ ସୂଚନା ଦେଲା ଭାରତୀୟ ଦୂତାବାସ ।

ଏବଂ

- ଆଇ.ସି.ସି. ମହିଳା ଏକଦିବସୀୟ ବିଶ୍ୱ କପ୍‌ରେ ଆଜି ହେବ ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ।

## ୟୁ.ଆଇ.ଡି.ଏ.ଆଇ.

ଭାରତୀୟ ଏକକ ପରିଚୟ ପ୍ରାଧିକରଣ - ୟୁ.ଆଇ.ଡି.ଏ.ଆଇ. ୭ରୁ ୧୫ ବର୍ଷ ବୟସର ପିଲାଙ୍କ ନିମନ୍ତେ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍‌କୁ ଦେୟମୁକ୍ତ କରିଛନ୍ତି । କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏକ ବିବୃତ୍ତିରେ ଏହି ବିଷୟ ସ୍ପଷ୍ଟ କରିଛି । ଚଳିତ ମାସ ୧ ତାରିଖରୁ ଲାଗୁ ହୋଇଥିବା ଏହି ଦେୟମୁକ୍ତ ବ୍ୟବସ୍ଥା ୧ ବର୍ଷପାଇଁ ବଳବତ୍ତର ରହିବ । ଫଳରେ ୬ କୋଟି ପିଲା ଉପକୃତ ହେବେ ।

ଅନ୍ୟପକ୍ଷରେ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କପାଇଁ ଆଧାର ପଞ୍ଜୀକରଣ ନିମନ୍ତେ ନାମ, ଫଟୋ, ଜନ୍ମତାରିଖ, ଲିଙ୍ଗ ଏବଂ ଠିକଣା ଆବଶ୍ୟକ । ସେଥିଲାଗି ବାୟୋମେଟ୍ରିକ୍‌ର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଶିଶୁଟିର ବୟସ ୫ ବର୍ଷ ହେବାପରେ ବାୟୋମେଟ୍ରିକ୍ ଅପ୍‌ଡେଟ୍ କରାଯିବ । ପରବର୍ତ୍ତୀ ସମୟରେ ୧୫ ବର୍ଷ ବୟସରେ ଏହାକୁ ଆଉଥରେ ଅପ୍‌ଡେଟ୍ କରାଯିବା ଲାଗି କୁହାଯାଇଛି । ପ୍ରଥମ ଏବଂ ଦ୍ୱିତୀୟ ଆଧାର ବାୟୋମେଟ୍ରିକ୍ ଅପ୍‌ଡେଟ୍

ଦେୟମୁକ୍ତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏଥିଲାଗି ୧୨୫ ଟଙ୍କା ଦେୟ ଦେବାକୁ ପଡ଼ିବ ।

## ୟୁ.କେ. ପି.ଏମ୍. - ଇଣ୍ଡିଆ ଭିଜିଟ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଚଳିତ ମାସ ୮ ତାରିଖରେ ଦୁଇଦିନିଆ ଭାରତ ଗସ୍ତରେ ଆସିବେ । ଭାରତକୁ ଏହା ତାଙ୍କର ପ୍ରଥମ ସରକାରୀ ଗସ୍ତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଅକ୍ଟୋବର ୯ ତାରିଖରେ ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବେ । ଭିଜନ୍-୨୦୩୫ ରୋଡ୍‌ମ୍ୟାପ୍ ଅନୁଯାୟୀ ଭାରତ-ବ୍ରିଟେନ୍ ବ୍ୟାପକ ରଣନୈତିକ ସହଭାଗିତା ଉପରେ ଆଲୋଚନା ହେବ । ଏହା ଏକ ୧୦ ବର୍ଷିଆ ସମୟବଦ୍ଧ ଯୋଜନା, ଯେଉଁଥିରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ପ୍ରତିରକ୍ଷା ଓ ସୁରକ୍ଷା, ଜଳବାୟୁ ଓ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକସମ୍ପର୍କ ଆଦି ପ୍ରସଙ୍ଗ ରହିଛି ।

ଉଭୟ ନେତା ବିଭିନ୍ନ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନାପୂର୍ବକ ଭବିଷ୍ୟତରେ ଦୁଇଦେଶ ମଧ୍ୟରେ ଅର୍ଥନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା

ଲାଗି ନିଷ୍ପତ୍ତି ନେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ ଷ୍ଟାର୍‌ମର ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀର ଷଷ୍ଠ ସଂସ୍କରଣରେ ଯୋଗାଦବା ସହ ସମ୍ବୋଧନ କରିବେ । ଏଥିରେ ଶିଳ୍ପ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଶୁଭାଂଶୁ ଶୁକ୍ଲା - ଏଜୁକେସନ୍

ଭାରତୀୟ ବାୟୁସେନାର ଟେଷ୍ଟ ପାଇଲଟ୍ ଏବଂ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିବା ପ୍ରଥମ ଭାରତୀୟ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଗତକାଲି ନୂଆଦିଲ୍ଲୀରେ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ ସଞ୍ଜୟ କୁମାରଙ୍କୁ ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶିକ୍ଷା ମନ୍ତ୍ରଣାଳୟ କହିଛି, ଉଭୟଙ୍କ ମଧ୍ୟରେ ବିକଶିତ ଭାରତ ବିଲ୍‌ଡାଥନ୍-୨୦୨୫ ସମ୍ପର୍କରେ ଆଲୋଚନା ହୋଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ଉଦ୍ରେକ କରିବା ସହ ସୃଜନଶୀଳତା ଓ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ବିଲ୍‌ଡାଥନ-୨୦୨୫ ସହାୟକ ହେବ । ସୂଚନାଯୋଗ୍ୟ, ଶ୍ରୀ ଶୁକ୍ଲାଙ୍କୁ ବିକଶିତ ଭାରତ ବିଲ୍‌ଡାଥନ-୨୦୨୫ ପାଇଁ ବ୍ରାଣ୍ଡ୍ ଆମ୍ବାସାଡ଼ର ନିଯୁକ୍ତ କରାଯାଇଛି ।

# ବିହାର - ଇ.ସି.ଆଇ. ଭିଜିଟ୍

ଭାରତୀୟ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଆଜି ଆୟୋଗଙ୍କ ଏକ ଦଳ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ ଆଲୋଚନା କରିବେ । ପାଟନାଠାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପୋଲିସ୍ ବିଭାଗ ଏବଂ କେନ୍ଦ୍ରୀୟ ବାହିନୀର ନୋଡ଼ାଲ୍ ଅଧିକାରୀମାନେ ଯୋଗଦେବେ । ନିର୍ବାଚନ ଆୟୋଗଙ୍କ ଦଳ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ସମୀକ୍ଷା କରିବା ଅବସରରେ ଗତକାଲିଠାରୁ ବିହାର ଗସ୍ତରେ ଅଛନ୍ତି ।

ଆଜି ନିର୍ବାଚନ ଆୟୋଗଙ୍କ ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାର, ମୁଖ୍ୟ ଶାସନ ସଚିବ ଏବଂ ପୋଲିସ୍ ମହାନିର୍ଦ୍ଦେଶକଙ୍କ ସହିତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବେ । ଅପରାହ୍ଣରେ ଆୟୋଗ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବେ । ଗତକାଲି ଗସ୍ତର ପ୍ରଥମ ଦିନରେ ୩୮ଟି ଜିଲ୍ଲାର ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ଅଧୀକ୍ଷକଙ୍କ ସହ ନିର୍ବାଚନ ଆୟୋଗ ବୈଠକ କରିଥିଲେ । ଆଗାମୀ ବିଧାନସଭା ନିର୍ବାଚନକୁ ମୁକ୍ତ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବାକୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପୂର୍ବରୁ ରାଜ୍ୟର ୧୨ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ମଧ୍ୟ ଆୟୋଗ ବୈଠକ କରିଥିଲେ ।

# ଇଣ୍ଡିଆନ୍ ଷ୍ଟୁଡେଣ୍ଟ୍ସ - ୟୁ.ଏସ୍.

ଆମେରିକାର ଟେକ୍ସାସ୍ ସ୍ଥିତ ଡେଣ୍ଟନ୍‌ରେ ଏକ ଗୁଳିକାଣ୍ଡରେ ଜଣେ ଭାରତୀୟ ଛାତ୍ର ଚନ୍ଦ୍ରଶେଖର ପୋଲେଙ୍କ ମୃତ୍ୟୁ ଘଟଣାରେ ହଷ୍ଟନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି । ମୃତକଙ୍କ ପରିବାର ସହ ଦୂତାବାସ ଯୋଗାଯୋଗରେ ରହିଛି ଏବଂ ସମସ୍ତ ସହାୟତା ଯୋଗାଇଦେବା ଲାଗି କହିଛି । ସେଠାକାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି । ହାଇଦ୍ରାବାଦର ଛାତ୍ର ଚନ୍ଦ୍ରଶେଖର ପୋଲେ ଅଧ୍ୟୟନ ଲାଗି ଆମେରିକା ଯାଇଥିଲେ । ତାଙ୍କ ମୃତ୍ୟୁରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

# ଅମିତ୍ ଶାହା - ଗୋଆ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଗୋଆରେ କେତୋଟି ପ୍ରମୁଖ ଯୋଜନାର ଶୁଭାରମ୍ଭ କରିଛନ୍ତି । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମନ୍ତ୍ରୀ ଶ୍ରୀ ଶାହା ଗୋଆ ସରକାରଙ୍କ

“ମାଝେ ଘର୍ ଯୋଜନା”ର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ସରକାରୀ ଜମି ଉପରେ ନିର୍ମିତ ବାସଗୃହକୁ ଅଧିକୃତ କରାଇବା ଲାଗି ଅନୁମତି ପ୍ରଦାନ କରାଯିବ । କାର୍ଯ୍ୟକ୍ରମରେ ଶ୍ରୀ ଶାହା ୨ ହଜାର ୪୫୨ କୋଟିରୁ ଅଧିକ ମୂଲ୍ୟର କେତୋଟି ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ, କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାଏକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ସମବେତ ଜନତାଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଶାହା କହିଥିଲେ, “ମାଝେ ଘର୍ ଯୋଜନା” ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରର ପ୍ରତିବଦ୍ଧତାକୁ ଦର୍ଶାଉଛି । ସେ କହିଥିଲେ, ଏହି ଯୋଜନା ଫଳରେ ଗୋଆର ଲକ୍ଷାଧିକ ନାଗରିକ ସେମାନଙ୍କ ବାସଗୃହର ମାଲିକାନା ସତ୍ୱ ହାସଲ କରିପାରିବେ ।

ପ୍ରାୟ ୧୧ଟି ଆଇନଗତ ଜଟିଳତାରୁ ସେମାନଙ୍କୁ ମୁକ୍ତି ମିଳିବା ସହ ରାଜ୍ୟର ପ୍ରାୟ ଅର୍ଦ୍ଧାଧିକ ଜନସାଧାରଣ ଲାଭ ପାଇବେ । ଶ୍ରୀ ଶାହା କହିଥିଲେ, ଏହି ଯୋଜନାରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ନାଗରିକଙ୍କୁ ସେମାନଙ୍କ ବାସଗୃହ ମାଲିକାନା ସତ୍ୱ ମିଳିପାରିଛି ।

***Voice (Shah - Goa)*** :...........

# ୟୁ.କେ.-ଜର୍ଜିଆ ପ୍ରୋଟେଷ୍ଟ

ବ୍ରିଟେନ୍‌ରେ ପାଲେଷ୍ଟାଇନ୍‌ର ଏକ ନିଷିଦ୍ଧ ଗୋଷ୍ଠୀର କାର୍ଯ୍ୟକୁ ସମର୍ଥନ କରି କେନ୍ଦ୍ରୀୟ ଲଣ୍ଡନ୍‌ରେ ପ୍ରଦର୍ଶନ ସମୟରେ ୫ ଶହ ଜଣଙ୍କୁ ଗିରଫ କରାଯାଇଛି । ମାଞ୍ଚେଷ୍ଟର୍‌ରେ ଘାତକ ଆକ୍ରମଣ ପରେ ପ୍ରତିବାଦକୁ ସ୍ଥଗିତ ରଖିବାପାଇଁ ଆହ୍ୱାନ ସତ୍ତ୍ୱେ ପ୍ରଦର୍ଶନ ଜାରି ରହିଛି । ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ ଓ ଅନେକ ଇହୁଦୀ ସଙ୍ଗଠନ ପ୍ରତିବାଦକାରୀମାନଙ୍କୁ ପ୍ରଦର୍ଶନ ବାତିଲ୍ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନାହିଁ । ପ୍ରଦର୍ଶନକାରୀମାନେ ପାଲେଷ୍ଟାଇନ୍‌ରେ ନରସଂହାର ବୋଲି କୁହାଯାଉଥିବା ଘଟଣା ପ୍ରତିବାଦରେ ପ୍ରଦର୍ଶନ କରିବା ସହ ପାଲେଷ୍ଟାଇନ୍‌ର କାର୍ଯ୍ୟକୁ ସମର୍ଥନ କରିଛନ୍ତି ।

ଅନ୍ୟପକ୍ଷରେ ଜର୍ଜିଆର ରାଜଧାନୀ ତିବିଲିସିରେ ଗତକାଲି ରାଷ୍ଟ୍ରପତି ଭବନ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସରକାର ବିରୋଧୀ ପ୍ରଦର୍ଶନକାରୀ ଓ ପୋଲିସ୍ ମଧ୍ୟରେ ସଂଘର୍ଷ ଘଟିଛି । ପ୍ରଦର୍ଶନକାରୀମାନଙ୍କୁ ଘଉଡ଼ାଇବା ଲାଗି ସୁରକ୍ଷା ବାହିନୀ ପକ୍ଷରୁ ପାଣି ସ୍ପ୍ରେ କରାଯାଇଥିଲା । ଗତବର୍ଷ ସେଠାରେ ସଂସଦୀୟ ନିର୍ବାଚନ ପରଠାରୁ ଅରାଜକତା ଲାଗି ରହିଛି । ପ୍ରଦର୍ଶନକାରୀମାନେ ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତକରି ତୁରନ୍ତ ନିର୍ବାଚନ କରିବା ଲାଗି ଦାବି କରୁଥିବା ଜଣାପଡ଼ିଛି ।

# ୱିମେନ୍ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ପ୍ରତିଯୋଗିତାରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଡି.ଏଲ୍.ଏସ୍. ଜରିଆରେ ଅଣଷଠି ରନ୍‌ରେ ପରାସ୍ତ କରିଥିଲା । ଅନ୍ୟପକ୍ଷରେ ପାକିସ୍ତାନ ୭ ୱିକେଟ୍‌ରେ ବାଂଲାଦେଶଠାରୁ ପରାସ୍ତ ହୋଇଥିଲା । ଭାରତ ପୂର୍ବରୁ ପାକିସ୍ତାନ ସହ ଖେଳିଥିବା ୧୧ଟି ଦିନିକିଆ କ୍ରିକେଟ୍ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ଆଜିର ମ୍ୟାଚ୍ ଜିତିଲେ ଭାରତ ସେମିଫାଇନାଲ୍‌କୁ ଉନ୍ନୀତ ହେବ ।

ଗତକାଲି ଆର୍. ପ୍ରେମଦାସା ଷ୍ଟାଡିୟମରେ ବର୍ଷା ଯୋଗୁଁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବାତିଲ୍ ହୋଇଥିଲା ।

*****